# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଦାନିୟେଲ ଏବଂ ରହସ୍ୟମୟୀ ସ୍ୱପ



ଲେଖକ: Edward Hughes

ଦୃଷ୍ଟାନ୍ତ: Jonathan Hay

ଉପଯୋଜକ: Mary-Anne S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org


©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ରାଜା ନବୂଖଦନିସ୍ୱର ଏକ ସ୍ୱପ୍ନ ଦେଖିଲେ, ସେହି ସ୍ୱପ୍ନ ତାହର ଆତ୍ମାକୁ ଉଦବିଗ୍ନ କଲା । ମାତ୍ର ପରମେଶ୍ୱରଙ୍କ ଶକ୍ତିଦ୍ୱାରା, ଦାନିୟେଲ୍ ରାଜାଙ୍କୁ ତାଙ୍କର ସ୍ୱପ୍ନ ଓ ତାହାର ଅର୍ଥ କହିପାରିଲେ ।



ଦାନିୟେଲ ପ୍ରଥମରେ ରାଜାଙ୍କୁ ତାଙ୍କର ସ୍ୱପ୍ନ ବିଷୟରେ ସଠିକ ଭାବରେ ବର୍ଣ୍ଣନା କଲେ । ଆପଣ ଏକ ପ୍ରକାଣ୍ଡ ପ୍ରତିମା ଦେଖିଲେ ତାହା ଭୟମିଶ୍ରିତ ସମ୍ମାନ ଜାଗ୍ରତ କରୁଥିବ ।



ସେହି ପ୍ରତିମାର ମସ୍ତକ ଶୁଦ୍ଧ ସ୍ୱର୍ଣ୍ଣମୟ ଥିଲା, ଦାନିୟେଲ କହି ଚାଲିଲେ ।



ତାହାର ବକ୍ଷ ଓ ବାହୁ ରୌପ୍ୟ

ନିର୍ମୀତ ଥିଲା ।



ତାହାର ଉଦର ଓ ଜଙ୍ଘ ପିତଳ
ନିର୍ମୀତ ଥିଲା ।



ତାହାର ଚ଼ରଣ ଲୌହ ନିର୍ମୀତ, ତାହାର
ପାଦର ତିଛି ଅଂଶ ଲୌହମୟ ଓ
କିଛି ମୂର୍ତ୍ତୀକାମୟ ଥିଲା ।



ସେ ମହାରାଜଙ୍କୁ ପ୍ରତିମା ବଷୟେରେ ବର୍ଣ୍ଣନା କଲାପରେ, ଦାନିୟେଲ ଅବଶେଷ ସ୍ୱପ୍ନ ବର୍ଣ୍ଣନା କଲେ ।



ଆପଣ ଦେଖିଲେ ଶେଷରେ ହସ୍ତ ବିନା ଛେଦିତ ଏକ
ପ୍ରସ୍ତର ସେହି ପ୍ରତିମାର ଲୌହ ଓ ମୃର୍ତ୍ତୀକମୟ ପାଦକୁ
ଆଘାତ କରି ଖଣ୍ଡ ଖଣ୍ଡ କରି ଭାଙ୍ଗିପକାଇଲା ।
ଦାନିୟେଲ ମହାରାଜଙ୍କୁ କହିଲେ ।



ଏକ ଶିଳା ତାହାର ପାଦକୁ ଆଘାତ କରି

ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାଇଲା ।



ସେଥିରେ ସେହି ପ୍ରତିମାକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାଇଲା ଆଉ ଗ୍ରୀଷ୍ମକାଳିନ ଖଳାର ତୃଷ ପରି ହେଲା, ଆଉ ବାୟୁ ସେଗୁଡ଼ାକୁ ଉଡ଼ାଇ ନେଇଗଲା । ସେହି ପ୍ରସ୍ତର ବଢ଼ି ଏକ ମହା ପର୍ବତ ହେଲା ଆଉ ସମୁଦାୟ ପୃଥିବିକୁ ପରିପୂର୍ଣ୍ଣ କଲା ।



ତାହା ଶୁଣି ରାଜା ଆଶ୍ଚର୍ଯ୍ୟ ହୋଇଗଲେ । କାରଣ ସେହି ସ୍ୱପ୍ନ ରାଜା ଦେଖିଥିଲେ । ମାତ୍ର ଦାନିୟେଲ୍ କିପରି ଭାବରେ ତାହା ଜାଣିପାରିଲେ, ସଦାପ୍ରଭୁ ପରମେଶ୍ୱର ଦାନିୟେଲଙ୍କୁ ସେହି ସ୍ୱପ୍ନ ଦେଲେ । ତାହାପରେ ଦାନିୟେଲ୍ ରାଜଙ୍କୁ ସେହି ସ୍ୱପ୍ନର ଅର୍ଥ କହିଲେ ।





ସ୍ୱର୍ଗସ୍ଥ ପରମେଶ୍ୱର ଆପଣଙ୍କୁ
ରାଜ୍ୟ, ପରାକ୍ରମ, କ୍ଷମତା ଓ
ମହିମା ଦେଇଅଛନ୍ତି । ଦାନିୟେଲ୍
ରାଜାଙ୍କ କହିଲେ, ଆପଣ
କହିଲେ ସୁବର୍ଣ୍ଣମୟ
ମସ୍ତକ ଅଟନ୍ତି ।

ଦାନିୟେଲ୍ ରାଜାଙ୍କୁ କହିଲେ
ଆପଣଙ୍କ ସୁବର୍ଣ୍ଣ ରାଜ୍ୟର ଅବଶେଷ
ଘଟିବ । ପ୍ରତିମାର ରୌପ୍ୟମୟ
ଆପଣଙ୍କଠାରୁ ଗୋଟିଏ ନ୍ୟୂନ
ରାଜ୍ୟ ଯେ ଆପଣଙ୍କ
ଉତ୍ତାରେ ଉଠି ଆପଣାର
ସ୍ଥନ ନେବ । ତହିଁ
ଉତ୍ତାରେ ଆଉ ଏକ
ପିତ୍ତଳମୟ ରାଜ୍ୟ । ଏବଂ
ଲୌହ ଓ ମୃତ୍ତିକା ନେଇ
ଚ଼ତୁର୍ଥ ରାଜ୍ୟ ହୋଇ
ଛିଡ଼ା ହେବ ।



ଦାନିୟେଲ ରାଜାଙ୍କୁ ଶେଷ ବିଷୟ ଏହା କହିଲେ ତାହା ହେଲା, ସ୍ୱରଗସ୍ଥ ପରମେଶ୍ୱର
ଗୋଟିଏ ରାଜ୍ୟ ସ୍ଥାପନ କରିବେ
ତାହା କଦାଚ଼ ବିନଷ୍ଟ
ହେବ ନାହିଁ ।



ରାଜା ଜାଣିପାରିଲେ କେବଳ
ପରମେଶ୍ୱର ଦାନିୟେଲଙ୍କୁ ସେହି
ସ୍ୱପ୍ନ ଓ ତାହାର ଅର୍ଥ ବୁଝିବାକୁ
ଜ୍ଞାନ ଦେଲେ । ନବୁଖଦନିତ୍ସର
ଦାନିୟେଲଙ୍କୁ ବହୁମୂଲ୍ୟ ଉପହାର
ଦେଲେ ଓ ବାବିଲର ସମୁଦାୟ
ଉପରେ କର୍ତ୍ତୃତ୍ୱ ଦେଲେ ।





ସେହି
ପ୍ରଥମ,
ଦ୍ୱୀତୀୟ
ଏବଂ
ତୃତୀୟ
ରାଜ୍ୟ
ଆସି
ପଲାଇଗଲେ ।

ସେହି ଚ଼ତୁର୍ଥ ରାଜ୍ୟ
ଶଷରେ ପରମେଶ୍ୱରଙ୍କ
ରାଜ୍ୟ ଆସୁଅଛି ।
ମସିହ ଜଗତରେ
ଆଧିପତ୍ୟ
ବିସ୍ତାର
କରିବେ ।
ଏବଂ ତାହା ଶିଘ୍ର
ହୋଇପାରେ,

# ଦାନିୟେଲ ଏବଂ ରହସ୍ୟମୟୀ ସ୍ୱପ୍ନ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଦାନିୟେଲ ୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସ୍ୱର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬